# ତହସିଲଦାର, ଟାଙ୍ଗୀଙ୍କ କାର୍ଯ୍ୟାଳୟ

## ଇସ୍ତାହାର

ସଂଖ୍ୟା. ୩୨୬୦ ତା. ୨୩.୧୦.୧୮

**ଲଘୁ ଖଣିଜ ତଥା ନିର୍ମାଣ ପଥର ଖାଦାନ ନିମନ୍ତେ ଦୀର୍ଘ ମିଆଦି ଲିଜ ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ଓଡିଶା ସରକାରଙ୍କ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଟାଙ୍ଗୀ ତହସିଲ ଅନ୍ତର୍ଗତ ନିମ୍ନପ୍ରଦତ୍ତ ସୈରାତ ଉତ୍ସ ( ଲଘୁ ଖଣିଜ ପଦାର୍ଥ ) ଗୁଡିକ ୫ ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ ସଲଗ୍ନ ବିବିରଣୀ ମୁତାବକ ପ୍ରଦାନ କରାଯିବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ / ଅନୁଷ୍ଠାନ OMMC Rule, 2016 ର From – M ପୂରଣ କରି ଏହାର ତିନି କପି ସହ ଅପର ପାର୍ଶ୍ୱରେ ଉଲ୍ଲେଖିତ ଦଲିଲ ଦସ୍ତବିକ ସଲଗ୍ନ କରି ଯଉମୁଦ ଲଫାପା ( Sealed Cover ) ରେ ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ କେବଳ ରେଜିଷ୍ଟ୍ରି ଡାକ/ସ୍ପିଡ ପୋଷ୍ଟ ଦ୍ୱାରା ଗ୍ରହଣ କରାଯିବ । ଲଫାପା ଉପରେ ସୈରାତ ଉତ୍ସ ର ନାମ ଓ ସୈରାତ କ୍ରମିକ ସଂଖ୍ୟା ଉଲ୍ଲେଖ ରହିବା ଏକାନ୍ତ ଆବଶ୍ୟକ । ଲଫାପା ଉପରେ ସୈରାତ ଉତ୍ସ ର ନାମ ନରହିଲେ ଏହା ବିଚାରକୁ ନିଆଯିବ ନାଁହି । ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହି । ଅସମ୍ପୂର୍ଣ ଦରଖାସ୍ତକୁ ବାତିଲ କରାଯିବ । କୌଣସି କାରଣ ନ ଦର୍ଶାଇ ଲିଜକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷର କାରୀଙ୍କର ଅଛି । ଲିଜ ଆବେଦନ ପାଇଁ ଦରଖାସ୍ତ/Sealed Tender ଗ୍ରହଣ ର ଶେଷ ତାରିଖ ୨୬.୧୧.୨୦୧୮ ଅପରାହ୍ନ ୫ ଘଟିକା ଅଟେ । ନିମ୍ନ ନିଲାମ ସୂଚୀ ଅନୁଯାଇ ଦରଖାସ୍ତ କାରୀ ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧି ଙ୍କ ଉପସ୍ଥିତିରେ Sealed Tender ଖୋଲାଯାଇ ସର୍ବୋଚ ବା ସର୍ବାଧିକ ଅତିରିକ୍ତ ମୂଲ୍ୟ ( Additional Charge ) ଦର୍ଶାଉଥିବା ଦରଖସ୍ତକାରୀଙ୍କ ଯଦି ଆନୁସଙ୍ଗିକ କାଗଜାତ /ଦଲିଲ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ଠିକ ଥିବ ତେବେ ତାଙ୍କୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଖାଦାନ ପାଇଁ ସମାନ ଅତିରିକ୍ତ ମୂଲ୍ୟ ଦର୍ଶାଇ ଥିଲେ ଲଟେରି ମାଧମରେ ସଫଳ ନିଲାମାଧରୀ ଚୟନ କରାଯିବ ।

## ସୂଚୀ

| କ୍ର ସଂ | ଟେଣ୍ଡର ଦରଖାସ୍ତ ଖୋଲା ହେବାର କାର୍ଯ୍ୟ ନିଘଣ୍ଟ | | | ସଲଗ୍ନ ସାରଣୀ ର ଉଲ୍ଲେଖିତ ଖଣିର କ୍ର ସଂ |
|---|---|---|---|---|
| | ତାରିଖ | ସମୟ | ସ୍ଥାନ | |
| ୧ | ୨୭. ୧୧. ୨୦୧୮ | ଦିବା ୧୧ ଘଟିକା | ତହସିଲଦାର ଙ୍କ କାର୍ଯ୍ୟାଳୟ, ଟାଙ୍ଗୀ | ୦୧ - ୨୦ |

ଏହି ସୈରାତ ଉତ୍ସ ଲିଜ ସମ୍ବନ୍ଧିୟ ସମସ୍ତ ତଥ୍ୟ www.khordha.nic.in (website) ରେ ଉପଲବ୍ଧ ହେବ । ଏହା ବ୍ୟତୀତ ଏଥି ସମ୍ବନ୍ଧିୟ ସମସ୍ତ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ତହସିଲଦାର,ଟାଙ୍ଗୀ ଙ୍କ କାର୍ଯ୍ୟାଳୟ ରୁ ସରକାରୀ କାର୍ଯ୍ୟ ଦିବସରେ 10 ଘଟିକା ଠାରୁ 5 ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି/ ସଂସ୍ଥା ଜଉମୁଦ ଲଫାପା ରେ ଆବେଦନ ପତ୍ର ଗୁଡିକୁ ତହସିଲଦାର,ଟାଙ୍ଗୀ ଙ୍କ ଠିକଣା ରେ ପଠାଇବେ ନଚେତ ଏହା ସ୍ୱତଃ ନାକଚ ହୋଇଯିବ ।

ଆ / ୨୩|୧୦|୧୮

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ/କାଗଜାତ ।**

୧. ଦରଖାସ୍ତ ସହ ( ଅଣ ଫେରସ୍ତ ) ଟ. ୧.୦୦୦/- ( ଏକହଜାର ) ଙ୍କ। ତହସିଲଦାର,ଟାଙ୍ଗୀ ଙ୍କ ନାମେ Demand Draft ହେବ।

୨. ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ୍ଣ ବିବରଣୀ ଯଥା- ଖାତା, ପ୍ଲଟ, ରକବା ( Land Schedule) ଓ ନକ୍ସା ( Quarry Lease Plan)।

୩. ଲଘୁ ଖଣିଜ ନିୟମାବଳି ୨୦୧୬ ଆଧାରରେ, ଦରଖାସ୍ତ କାରୀଙ୍କ ଉପରେ କୌଣସି ବକେୟା ଅର୍ଥ ପଇଠ କରିବା କୁ ନଥିବା ସମ୍ବଧୀୟ ସତ୍ୟ ପାଠ ।

୪. ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ ସଲଭେନସି ସାର୍ଟିଫିକେଟ ବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି ୧୮ ମାସ ପର୍ଯ୍ୟନ୍ତ ବୈଧ ରହିଥିବ ଏବଂ ଯାହାର ମୂଲ୍ୟ ସର୍ବନିମ୍ନ ସ୍ଥିରିକୃତ ପରିମାଣ ( MGQ) ର ଏକ ବର୍ଷ ର ରୟାଲିଟି ଯୁକ୍ତ ଅର୍ପିତ ଅତିରିକ୍ତ ମୂଲ୍ୟ ( Offered Additional Charge) ଠାରୁ କମ ହୋଇନଥିବ ଓ ଅନ୍ୟାନ୍ୟ ସ୍ଥାବର ସମ୍ପତି ର ପ୍ରମାଣ ପତ୍ର । ( ନିଧିଷ୍ଟ ରାଶିଠାରୁ କମ ହେବ ନାହିଁ ) ( A Solvency Certificate or Bank Guarantee valid for a period of 18 Months for an amount of not less than the amount of addl. Charge offered plus the Royalty payable for the MGQ for one whole year and a list of immovable properties from the Revenue Authority)

୫. Income Tax Clearance Certificate or an Affidavit stating there in that no Income Tax is pending against the applicant.

୬. ନିଜର ଭୋଟର ପରିଚୟ ପତ୍ର (EPIC) / Aadhaar Card & PAN Card.

୭. EMD ର ପ୍ରମାଣ ପତ୍ର ଯାହାକି ନୋଟିସ ଦର୍ଶିତ ସର୍ବନିମ୍ନ ସ୍ଥିରିକୃତ ପରିମାଣ (MGQ) ର ପୁରା ଏକ ବର୍ଷ ର ଅତିରିକ୍ତ ମୂଲ୍ୟ (Addl. Charge) ଯୁକ୍ତ ଏକ ବର୍ଷ ର ରୟାଲିଟ ମୂଲ୍ୟ ର ଶତକଡା ୫ ରୁ କମ ହୋଇନଥିବାର Demand Draft ପଇଠ ର ରସିଦ ।

**ସର୍ତ୍ତାବଳି**

୧. ଆବେଦନ କାରି ମାନେ ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନୀ ୨୦୧୬ ର ପରିସର ଭୁକ୍ତ ରହିବେ ।

୨. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ର ସୁବିଧା, ଗଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କ ରେ ପର୍ଯ୍ୟବେକ୍ଷଣ କରି ଲିଜ ରେ ଅଂଶ ଗ୍ରହଣ କରିବେ । ଯେଉଁ ସୈରାତ ଉତ୍ସ ଗୁଡିକୁ ସରକାରୀ ରାସ୍ତା ନାହିଁ ସେଥିରେ ଲିଜ ନେଇଥିବା ବ୍ୟକ୍ତି ବିଶେଷ ସୈରାତ ଉଛ କୁ ଗମନା ଗମନ ର ବ୍ୟବସ୍ଥା ନିଜ ଖର୍ଚ ଓ ଦାୟୀତ୍ୱ ରେ କରିବେ ।

3. ପ୍ରଚଳିତ ନିୟମବଳି ଅନୁଯାୟୀ From-M ଉପରେ ଦର୍ଶିତ ଅତିରିକ୍ତ ମୂଲ୍ୟ ( Addl. charge ) କୁ ବିଚାର କୁ ନିଆଯାୟୀ ସରବୋଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ଯଦି ଏକ ରୁ ଅଧିକ ଦରଖାସ୍ତ କରି ସମାନ ସରବୋଚ ମୂଲ୍ୟ ଉଲ୍ଲେଖ କରିଥିବେ ତେବେ ଲଟେରୀ ମାଧମରେ ଲିଜ ଧାରୀଙ୍କ ନାମ ଚୟନ କରାଯିବ ଯଦି କୌଣସି ଦରଖାସ୍ତ କାରୀ ଧାର୍ଯ୍ୟ ଅତିରିକ୍ତ୍ୟ ମୂଲ୍ୟ addl. Charge ୨୦ ଟଙ୍କା ରୁ କମ ମୂଲ୍ୟ ଉଲ୍ଲେକ୍ଷ୍ୟ କରିଥାନ୍ତି ତେବେ ସେହି ଦରଖାସ୍ତ ବିଚାର କୁ ନିଆଜୀବ ନାହିଁ ।

୪. ମାଇନିଙ୍ଗ ପ୍ଲାନ 2018-19 ଠାରୁ 22-23 ବର୍ଷ ପାଇଁ ପ୍ରସ୍ତୁତ କରାଯାଇଛି । ଏଥି ବାବଦକୁ ପ୍ରାପ୍ୟ 40000/- ଟଙ୍କା ନୂତନ ସୈରାତ ଉତ୍ସ ରିପୋର୍ଟ ବାବଦକୁ 5000/- ଟଙ୍କା ଏପରିକି ମୋଟ- 45,000/- ଟଙ୍କା ସଫଳ ନିଲାମ ଧାରୀ ପଇଠ କରିବେ ।

୫. ଲିଜ ରେ ସୈରାତ ପରିଚାଳନା ସମ୍ପର୍କ ରେ ପରବର୍ତ୍ତୀ ସମୟ ରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତୃପକ୍ଷ୍ୟ ଦାଇ ରହିବେ ନାହିଁ, ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କାର୍ତୃପକ୍ଷ୍ୟ କୌଣସି ପ୍ରକୃତିକ ବିପର୍ଯୟ

ପାଇଁ ଦାୟୀ ରହିବେ ନାହିଁ । ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ ୨୦୧୬ ଆଧାରରେ ଏହା ପରିଚାଳିତ ହେବ ।

୬. ଚୟନ ହୋଇଥିବା ଲିଜ ଧାରୀଙ୍କୁ ସାତ ଦିନ ମଧ୍ୟରେ Form-F ଜରିଆରେ ତାଙ୍କ ଚୟନ ବିଷୟ ଓ ଲିଜ ଜନିତ ସର୍ତ୍ତାବଳି ଜଣାଇ ଦିଆଯିବ ଏବଂ ଜଣାଇବାର ୧୫ ଦିନ ମଧ୍ୟରେ ଚୟନ କାରୀ ଯଦି ଏହା ତାଙ୍କୁ ଗ୍ରହଣୀୟ ହୁଏ ତେବେ ସେ ଲିଖିତ ଭାବରେ ଜଣାଇବେ ଏହା ସହିତ ଚୟନ କାରୀ ଏକ ବର୍ଷ ର ସର୍ବନିମ୍ନ ସ୍ଥିରିକୃତ ଲଘୁଖଣିଜଦ୍ରବ୍ୟର ରୟ୍ୟାଲିଟୀ ମୂଲ୍ୟ ଏବଂ ଅତିରିକ୍ତ ମୂଲ୍ୟ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଙ୍କୁ ଦେୟ ସର୍ବମୋଟ ମୂଲ୍ୟ ର ଏକ ଚତୁର୍ଥାଂଶ ଯାହା ହେବ ସେଥିରୁ ପୂର୍ବରୁ ଡିପୋଜିଟ କରିଥିବା EMD ବିୟୋଗ ପରର ମୂଲ୍ୟ ଯାହାହେବ ତାକୁ ପଇଠ କରିବେ ଏବଂ ଅହି ପଇଠ ମୂଲ୍ୟ ସହ EMD ଡିପୋଜିଟ ମୂଲ୍ୟ କୁ ଏକତ୍ର ମିଶାଇଲେ ଯେଉଁ ରାଶିହେବ ତାହା ସୁଧ ବିହୀନ ଅମାନତ ଜମା ବୋଲି ବିବେଚନା ହେବ ।

୭. ଯଦି ସଫଳ ନିଲାମ ଧାରୀ ( Successful Bidder) ଉପର ଦର୍ଶିତ ଅନୁଛେଦ ପାରା ଆଧାରରେ ଧାର୍ଯ୍ୟ ରୟାଲିଟି ମୂଲ୍ୟ ଇତ୍ୟାଦି ତଥା ଅମାନତ ରାଶି ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଦାଖଲ କରିବାରେ ଖିଲାପ କରନ୍ତି ତାହାହେଲେ ତାଙ୍କଦ୍ୱାରା ଦାଖଲ ହୋଇଥିବା EMD କୁ ବ୍ୟାଜ୍ୟାପ୍ତି କରାଯିବ ଓ ପରବର୍ତ୍ତୀ ୨ ୟ ସର୍ବାଧିକ ଆବେଦନ କାରୀଙ୍କୁ ଲିଜ ପ୍ରଦାନ ପାଇଁ ଚୟନ କରାଯିବ । ନୀଲାମଧାରୀ ଚୟନ ପରେ ଅକୃତ କାର୍ଯ୍ୟ ନିଲାମଧାରୀ ଙ୍କୁ ସେମାନଙ୍କ EMD ଫେରସ୍ତ କରାଯିବ ।

୮. ନିଲାମ ପ୍ରକ୍ରିୟା ପରିସମାପ୍ତି ପରେ ସଫଳ ନିଲାମଧାରୀଙ୍କୁ ୭ ଦିନ ମଧ୍ୟରେ ତାଙ୍କୁ ମିଳିଥିବା ଖଣି ର Topographical Survey ପାଇଁ ନୋଟିସ ଦିଆଯିବ । ଧାର୍ଯ୍ୟ ତାରିଖ ରେ ତାଙ୍କ ଉପସ୍ଥିତିରେ ଖଣି ପରାମର୍ଶ ଦାତା ଙ୍କ ସର୍ଭେ ଦଳ ଦ୍ୱାରା ଖଣିର ସର୍ଭେ ସମାପ୍ତ କରାଯିବ । ସର୍ଭେ ସମ୍ବଳିତ ତଥ୍ୟ ( Survey Data ) ଅନୁଯାଇ Surface Plan ତିଆରି କରାଯିବ । ଉଭୟ ପକ୍ଷ୍ୟ ତହସିଲଦାର,ଟାଙ୍ଗୀ ଓ ସଫଳ ନୀଲାମଧାରୀ ଉକ୍ତ Surface Plan ରେ ଦସ୍ତଖତ କରିବେ । ଉକ୍ତ Surface Plan ରେ ଦର୍ଶାଇଥିବା Topography ଯଦି ପରବର୍ତ୍ତୀ ପର୍ଯ୍ୟାୟ ରେ ପରିବର୍ତ୍ତନ ହୁଏ ତେବେ ପରିବର୍ତ୍ତନ ଜନିତ ଉତ୍ତଲୋନ ପାଇଁ ସଫଳ ନୀଲାମଧାରୀ ଦାୟୀ ରହିବେ ।

୯. ସଫଳ ନୀଲାମଧାରୀ ପରିବେଶ ମଞ୍ଜୁରୀ ସମ୍ବଧୀୟ ଅନୁମତି ନିଜଖର୍ଚ୍ଚ ଓ ଦାଇତ୍ୱ ରେ ହାସଲ କରିବେ । ଲିଜ ଧାରୀ ପରିବେଶ ମ୍ୟାନେଜିମେଣ୍ଟ ପ୍ଲାନ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଦାୟୀ ରହିବେ ।

୧୦. ନିର୍ଧାରିତ ସମୟ ସୀମା ମଧ୍ୟରେ Mining Plan/ Environment Clearance ପ୍ରାପ୍ତି ସମ୍ବଧୀୟ କାଗଜାତ ଦାଖଲ ନକଲେ ଲିଜ ଧାରୀଙ୍କ ଅମାନତ ରାଶି ବ୍ୟାଜାପ୍ତି କରାଯିବ। Environment Clearance ଭାରତ ସରକାର ଙ୍କ ପରିବେଶ ଜଙ୍ଗଲ ଓ ଋତୁ ପରିବର୍ତ୍ତନ ବିଭାଗ , ବିଜ୍ଞାପନ ସଂଖ୍ୟା S.O. 141 (E), New Delhi Dt. 15.01.2016 ଦ୍ୱାରା ନିର୍ଧାରିତ ହେବ । ସଫଳ ନୀଲାମଧାରୀ ତାଙ୍କୁ ପ୍ରାପ୍ତ ହୋଇଥିବା ଖଣିର ରକ୍ଷ୍ୟଣା ବେକ୍ଷଣ ଓ ବେଆଇନୀ ଖଣିଜ ଦ୍ରବ୍ୟ ଉତ୍ତଳନ ପାଇଁ ସଫଳ ନୀଳମଧାରୀ ଭାବେ ବିବେଚିତ ହେବା ଦିନଠାରୁ ଉତ୍ତରଦାୟୀ ରହିବେ ।

୧୧. ଇସ୍ତାହାର ପ୍ରକାଶନ ଖର୍ଚ୍ଚ ଲିଜ ଧାରୀ ସମାନୁପାତ ରେ ବହନ କରିବେ ।

୧୨. Mining Plan ରେ ଦର୍ଶା ଯାଇଥିବା ଲଘୁ ଖଣିଜ ଦ୍ରବ୍ୟ ର ଉତ୍ତଳନ ପରିମାଣ ଯାହାକି MGQ ଠାରୁ କମ ହୋଇ ନଥିବ ଏହାର ଧାର୍ଯ୍ୟ ରୟାଲିଟି, ଅତିରିକ୍ତ ଦେୟ, DMF, EMF ଏବଂ Compensatory Afforestation, Dead Rent, and Surface Rent ରାଶି କୁ Environment Clearance ଆଣିସାରିଲା ପରେ OMMC Rules,2016 ଅନୁଯାଇ ଏକକାଳୀନ ପଇଠ କରିବେ ନିୟମ ମୁତାବକ ସଫଳ ନୀଲାମଧାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପର୍ଷଦ (State Pollution Control Board ) ଠାରୁ Consent to Establish (CTE), Consent to Operate (CTO) ଓ ପ୍ରଥମ ବର୍ଷ ର ଧାର୍ଯ୍ୟ ରାଶି ପଇଠ କଲାପରେ ସଫଳ ନିଲାମ ଧାରୀ ( Successful Bidder) ରେଜିଷ୍ଟ୍ରେଶନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାଇ ଚୁକ୍ତି ପତ୍ର ( Execution of Lease Deed) ସମ୍ପାଦନ କରିବେ ।

୧୩. ଲିଜ ଧାରୀ ଜମା ରୟାଲିଟି ର ୨ % ଅର୍ଥ ଆୟକର ବାବଦକୁ ଦାଖଲ କରିବେ ।

୧୪. ଲିଜଧାରୀ ସରକାରଙ୍କ ଧାର୍ଯ୍ୟ ଅର୍ଥ Environment Management Fund ବାବଦକୁ ଦାଖଲ କରିବେ ।

୧୫. ପ୍ରଚଳିତ ନିୟମ ଅନୁଯାଇ Schedule-I & II ର ଧାର୍ଯ୍ୟ ଦର ଲାଗୁହେବ ଏବଂ ଏହା ସରକାରଙ୍କ ଦ୍ଵାରା ପରିବର୍ତ୍ତନ ହେବ ଓ ସମ୍ପୃକ୍ତ ଲିଜ ଧାରୀ ପରିବର୍ତ୍ତୀତ ମୂଲ୍ୟରେ ଯଦି ବର୍ଦ୍ଧିତ ରୟାଲିଟି ଅନୁମୋଦିତ ରୟାଲିଟି ଠାରୁ ଅଧିକ ହୋଇଥାଏ ତେବେ ତାହା ଦେବାକୁ ବାଧ ହେବେ ।

୧୬. ଲିଜ ଧାରୀଙ୍କୁ ପ୍ରତି ବର୍ଷ ସରକାରଙ୍କ ଦ୍ଵାରା ଧାର୍ଯ୍ୟ ମୂଲ୍ୟ Dead Rent ଏବଂ Surface Rent ଦେବାକୁ ପଡିବ ।

୧୭. ଲିଜ ଧାରୀ ଜିଲ୍ଲା ପ୍ରଶାସନକୁ ତାଙ୍କ ଦ୍ଵାରା ସ୍ଥିରିକୃତ ଅନୁପାତିକ ମୂଲ୍ୟ, ଜଳସିଞ୍ଚନ ଓ ବନୀକରଣ ବାବଦ ରେ ପଇଠ କରିବେ ।

୧୮. ଲିଜଧାରୀ ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ ରହିବେ ।

୧୯. ଲିଜଧାରୀ MMDR Act. 1957, Mines Act. 1952 and explosive Act., 1984, Pollution Act., Granite Conservation and Development Rules,1999 ର ସମସ୍ତ ନିୟମ ଓ ନିଯମା ବଳି ର ଅନ୍ତର୍ଭୁକ୍ତ ରହିବେ। ଲିଜଧାରୀ ଲଘୁ ଖଣିଜ ଦ୍ରବ୍ୟ ଉତ୍ତଳନ ତଥା ଚାଲାଣ ସଙ୍କ୍ରାତୀୟ ସଠିକ ବିବରଣୀ ତ୍ରୟ ମାସିକ Return Form-P, ଏବଂ ବାର୍ଷିକ Return Form-K ରେ ତହସିଲଦାର ଟାଙ୍ଗୀ ଙ୍କ ଠାରେ ଦାଖଲ କରିବାକୁ ବାଧ ରହିବେ ।

୨୦. ସରକାରଙ୍କ ଦ୍ଵାରା ବିଭିର୍ଣ ସମୟରେ ଲଘୁ ଖଣିଜ ଦ୍ରବ୍ୟ ପରିଚାଳନା ସମ୍ବଧୀୟ ଆଦେଶ ଗୁଡିକୁ ଲିଜଧାରୀ ମାନିବାକୁ ବାଧ । କ୍ଷମତା ସମ୍ପର୍ଣ ଅଧିକାରୀ ଖଣି ପରରିଦର୍ଶନ ସମୟ ରେ ଖାଦାନ ସମ୍ବଧୀୟ ସମସ୍ତ ରେକର୍ଡ ତନଖି କରିପାରିବେ ।

୨୧. ଲିଜଧାରୀ ସୈରାତ ଉତ୍ସର ସୀମା ନକଷା ଅନୁଯାଇ ଚାରିପୁଟ ର ଢଳେଇ ଖୁଣ୍ଟ ( Concrete Pillar) ଦ୍ଵାରା ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସ ର ନକଷା ସହ ନାମ, ଲିଜ ଧାରୀଙ୍କ ନାମ ତଥା ସମ୍ପୂର୍ଣ ବିବରଣୀ ସହ ଲିଜ ର ଅବଧି ଉଲ୍ଲେଖ କରିବେ । ଏହି ସବୁ କାର୍ଯ୍ୟ ଲିଜଧାରୀ ନିଜ ଖର୍ଚ୍ଚ ରେ ବହନ କରିବେ ପୁନଶ୍ଚ ଲିଜଧାରୀ ଖଣି ପରିଚାଳନା ଜନିତ କ୍ଷୟ କ୍ଷତି ସର୍ବସାଧାରଣ ଙ୍କ ଜୀବନ ହାନି ବା କ୍ଷତାକ୍ତ ପାଇଁ ଆବଶ୍ୟକୀୟ କ୍ଷୟ କ୍ଷତି ସରକାରଙ୍କୁ ଭରଣା କରିବାକୁ ଦାଇ ରହିବେ ।

୨୨. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ, କ୍ଷମତା ସମ୍ପର୍ଣ ଅଧିକାରୀଙ୍କ ଠାରୁ ଅନୁମତି ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସ ରୁ ଲଘୁ ଖଣିଜ ଉଠାଇପାରିବେନାହିଁ । ଏଥିରେ ଖିଲାପ ହେଲେ OMMC Rules. 2016 ଅନୁଯାଇ ଦଣ୍ଡନୀୟ ହେବେ ।

୨୩. ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତା ସମ୍ପର୍ଣ ଅଧିକାରୀଙ୍କ ରହିଅଛି । ଅନିବାର୍ଯ୍ୟ କାରଣ ବଶତ କ୍ଷମତା ସମ୍ପର୍ଣ ଅଧିକାରୀ ନିଲାମ ପ୍ରକ୍ରିୟା କୁ ସ୍ଥଗିତ ରଖିପାରିବେ କିମ୍ବା ବାତିଲ କରିପାରିବେ ।

୨୪. ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧିୟ ସମସ୍ତ ସର୍ତ୍ତାବଳି ତହସିଲଦାର ଟାଙ୍ଗୀ ଙ୍କ କାର୍ଯ୍ୟାଳୟ ରେ ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧିୟ ସମ୍ପୂର୍ଣ ସର୍ତାବଳି www.khordha.nic.in (website) ରେ ଉପଲବ୍ଧ ହେବ ।

**ବି:ଦ୍ର-** ସୈରାତ ଉତ୍ସଗୁଡିକର ସାରଣୀ ଏଥି ସହିତ ସଲଗ୍ନ ହୋଇ ଅଛି ।

**ତହସିଲଦାର - ତଥା - କ୍ଷମତାପନ୍ନ ପ୍ରାଧିକାରୀ,**

**ଟାଙ୍ଗୀ**

ଜ୍ଞାପକ ସଂ. ୩୨୬୧ ତା. ୨୩-୮-୧୮

ଏହାର ଏକକିତା ନକଲ ଡି. ଆଇ. ଓ,ଖୋର୍ଦ୍ଧାଙ୍କୁ ଜିଲ୍ଲା Website ରେ ପ୍ରକାଶନ କରିବାପାଇଁ ଅନୁରୋଧ କରାଗଲା.

ତହସିଲଦାର - ତଥା - କ୍ଷମତାପନ୍ନ ପ୍ରାଧିକାରୀ,

ଟାଙ୍ଗୀ

ଜ୍ଞାପକ ସଂ. ୩୨୬୨ ତା. ୨୩-୮-୧୮

ଏହାର ଏକକିତା ନକଲ ସର୍ବସାଧାରଣ ଙ୍କ ଅବଗତି ଓ ବହୁଳ ପ୍ରସାର ପାଇଁ ତହସିଲ ଟାଙ୍ଗୀ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଜିଲ୍ଲା କାର୍ଯ୍ୟାଳୟ ନୋଟିସ ବୋର୍ଡ, ଖୋର୍ଦ୍ଧା/ ଉପ-ଜିଲ୍ଲାପାଳ କାର୍ଯ୍ୟାଳୟ, ଖୋର୍ଦ୍ଧା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର - ତଥା - କ୍ଷମତାପନ୍ନ ପ୍ରାଧିକାରୀ,

ଟାଙ୍ଗୀ

# STATEMENT SHOWING OF SAIRAT SOURCES OF TANGI TAHASIL TO BE LEASED OUT

| Sl. No. | Name of the Sources for Long term Lease | Mouza | Khata No. | Plot No. | Area in Acre | Approved rate of Royalty per C.M. ( in Rs.) | MGQ per year in C.M. | Minimum amount of Addional charges per C.M. (In Rs.) | EMD @ 5% of Addl. Charge and amount of Royalty of MGQ/Year (In Rs.) |
|---|---|---|---|---|---|---|---|---|---|
| 1 | Brushabandha B.S.Q No-1 | Brushabandha | 214 | 554 | 1.232 | 130 | 2000 | 20 | 15000 |
| 2 | Brushabandha B.S.Q No-3 | Brusabandha | 214 | 554 | 4.500 | 130 | 3000 | 20 | 22500 |
| 3 | Talagada Kuhudi L.S.Q NO-1 | Talagada Kuhudi | 226 | 163 | 5.170 | 180 | 4500 | 20 | 45000 |
| 4 | Talagada Kuhudi L.S.Q NO-5 | Talagada Kuhudi | 226 | 283 | 4.963 | 180 | 4000 | 20 | 40000 |
| 5 | Talagada Kuhudi L.S.Q NO-6 | Talagada Kuhudi | 226 | 283 | 5.000 | 180 | 4000 | 20 | 40000 |
| 6 | Talagada Kuhudi L.S.Q NO-7 | Talagada Kuhudi | 226 | 283 | 5.000 | 180 | 4000 | 20 | 40000 |
| 7 | Talagada Kuhudi L.S.Q NO-8 | Talagada Kuhudi | 226 | 283 | 5.000 | 180 | 4000 | 20 | 40000 |
| 8 | Talagada Kuhudi L.S.Q NO-9 | Talagada Kuhudi | 226 | 283 | 5.000 | 180 | 4000 | 20 | 40000 |

| | | | | | | | | | |
|---|---|---|---|---|---|---|---|---|---|
| 9 | Ramachandrapur L.S.Q No-2 | Ramachandrapur | 465 | 640 | 4.825 | 180 | 2700 | 20 | 27000 |
| 10 | Singarama L.S.Q No-1 | Singarama | 211 | 42 | 2.081 | 180 | 2700 | 20 | 27000 |
| 11 | Rasulpur Moruum quarty | Rasulpur | 286 | 887 | 4.395 | 35 | 3200 | 20 | 8800 |
| 12 | Rasulpur L.S.Q No-1 | Rasulpur | 286 | 68 | 1.310 | 180 | 1800 | 20 | 18000 |
| 13 | Nayakota B.S.Q | Nayakota | 293 | 685 | 2.460 | 180 | 3000 | 20 | 30000 |
| 14 | Jagatpur L.S.Q No-1 | Jagatpur | 392 | 250 | 4.000 | 180 | 3000 | 20 | 30000 |
| 15 | Jagatpur L.S.Q No-2 | Jagatpur | 392 | 250 | 3.970 | 180 | 3600 | 20 | 36000 |
| 16 | Ramachandrapur L.S.Q No-1 | Ramachandrapur | 463 | 651 | 0.868 | 180 | 2700 | 20 | 27000 |
| 17 | Singarama L.S.Q No-2 | Singarama | 211 | 217 | 0.793 | 180 | 2700 | 20 | 27000 |
| 18 | Patrapada L.S.Q No-1 | Patrapada | 107 | 207 | 0.297 | 180 | 1800 | 20 | 18000 |
| 19 | Rasulpur L.S.Q No-2 | Rasulpur | 286 | 77 | 0.504 | 180 | 1800 | 20 | 18000 |
| 20 | Sundarpur L.S.Q | Sundarpur | 986 | 2511 | 0.345 | 180 | 1800 | 20 | 18000 |

23/10/18

**TAHASILDAR, TANGI**